ୟୁସୁଫ ଖାଁ @ ଦିଲୀପ କୁମାର ଏବଂ ଅନ୍ୟମାନେ

ବନାମ

ମନୋହର ଯୋଶୀ ଓ ଅନ୍ୟମାନେ

25 ଫେବୃଆରୀ 2000

[କେ.ଟି. ଥୋମାସ ଏବଂ ଏମ.ବି. ଶାହା, ନ୍ୟାୟମୂର୍ତ୍ତିଦ୍ୱୟ]

*ଭାରତୀୟ ସମ୍ବିଧାନ-ଅନୁଚ୍ଛେଦ 32-ଏକ ବିବାଦୀୟ ଚଳଚ୍ଚିତ୍ରର ପ୍ରଦର୍ଶନ ବିରୋଧରେ ହିଂସାତ୍ମକ ବିକ୍ଷୋଭ ପାଇଁ ରାଜ୍ୟ ସରକାର ଦାୟୀ ବୋଲି ଅଭିଯୋଗ କରାଯାଇଛି-ପର୍ଯ୍ୟାପ୍ତ ସୁରକ୍ଷା ବ୍ୟବସ୍ଥା ସୁନିଶ୍ଚିତ କରିବା ଏବଂ ତଦନ୍ତ ପାଇଁ ଏକ ସ୍ୱାଧୀନ ଏଜେନ୍ସି ନିଯୁକ୍ତ କରିବା ନିମନ୍ତେ ନିର୍ଦ୍ଦେଶ ଦେବାକୁ ଆଜ୍ଞାଦେଶ ଆବେଦନ ଦାଖଲ କରାଯାଇଥିଲା-ରାଜ୍ୟରେ ବିଧାନସଭା ନିର୍ବାଚନ ପରେ ନୂତନ ସରକାର ଗଠନ କରାଯାଇଥିଲା-ଆବେଦନକାରୀମାନେ ସହମତ ହୋଇଥିଲେ ଯେ ନୂତନ ସରକାରଙ୍କ ଦ୍ୱାରା କିଛି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି-ରାଜ୍ୟରେ ପରିବର୍ତ୍ତିତ ରାଜନୈତିକ ପରିସ୍ଥିତି ଏବଂ ନୂତନ ସରକାର ଅଭିଯୁକ୍ତଙ୍କ ବିରୋଧରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଥିବାରୁ ଏହି ଆବେଦନକୁ ଜାରି ରଖିବା ଆବଶ୍ୟକ ନୁହେଁ ବୋଲି ନିର୍ଣ୍ଣୟ ନିଆଯାଇଥିଲା-ଚଳଚ୍ଚିତ୍ର ଅଧିନିୟମ, 1962 ।*

**ଭାରତୀୟ ଚଳଚ୍ଚିତ୍ର ଅଧିନିୟମ , 1962 ଅନୁଯାୟୀ ନିୟନ୍ତ୍ରକ ପରିଷଦ ଅନୁମତି ଦେବା ପରେ 'ଫାୟାର' ଚଳଚ୍ଚିତ୍ରଟି ସିନେମା ହଲ୍‌ରେ ପ୍ରଦର୍ଶିତ ହୋଇଥିଲା । ଏହି ଚଳଚ୍ଚିତ୍ରର ଲିପି ଏବଂ ପଟ୍ଟକଥା ନେଇ ତୀବ୍ର ବିରୋଧ ହୋଇଥିଲା । ଏହି ବିକ୍ଷୋଭ ସମୟରେ ହିଂସାକାଣ୍ଡ ଯୋଗୁଁ ଚଳଚ୍ଚିତ୍ର ପ୍ରଦର୍ଶିତ ହୋଇଥିବା ସିନେମା ଘର ଗୁଡ଼ିକ ବ୍ୟାପକ ଭାବେ କ୍ଷତିଗ୍ରସ୍ତ ହୋଇଥିଲା । ଏହା ଚଳଚ୍ଚିତ୍ର ପ୍ରଦର୍ଶନ ପାଇଁ ପର୍ଯ୍ୟାପ୍ତ ସୁରକ୍ଷା ବ୍ୟବସ୍ଥା ସୁନିଶ୍ଚିତ କରିବା ଏବଂ ଏହି ପ୍ରସଙ୍ଗରେ ତଦନ୍ତ କରିବା ପାଇଁ ଏକ ଉପଯୁକ୍ତ ଏଜେନ୍ସି ନିଯୁକ୍ତ କରିବା ନିମନ୍ତେ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେବା ପାଇଁ ଆବେଦନକାରୀଙ୍କ ସହ ଫାର୍ମର ପ୍ରଯୋଜକ ଏହି ନ୍ୟାୟାଳୟରେ ଏକ ଆଜ୍ଞାଦେଶ ଆବେଦନ ଦାଖଲ କରିଥିଲେ ।**

**ଆବେଦନକାରୀମାନେ ଯୁକ୍ତି ବାଢ଼ିଥିଲେ ଯେ ପ୍ରଥମ ଉତ୍ତରଦାତା ଥିବା ରାଜ୍ୟର ତତ୍କାଳୀନ ମୁଖ୍ୟମନ୍ତ୍ରୀ, ଏବଂ ତାଙ୍କ ରାଜନୈତିକ ଦଳ ହିଁ ହିଂସାକାଣ୍ଡ ପାଇଁ ଦାୟୀ ଥିଲେ । ତେବେ, ରାଜ୍ୟରେ**

**ବିଧାନସଭା ନିର୍ବାଚନ ପରେ ରାଜନୈତିକ ପରିସ୍ଥିତିରେ ପରିବର୍ତ୍ତନ ପରେ ନୂତନ ସରକାରଙ୍କ ଦ୍ୱାରା କିଛି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ବିଷୟରେ ସେମାନେ ସହମତ ହୋଇଥିଲେ ।**

**ଆଜ୍ଞାଦେଶ ଆବେଦନର ସମାଧାନ କରି ଏହି ନ୍ୟାୟାଳୟ**

**ନିର୍ଣ୍ଣୟ ନେଇଥିଲେ ଯେ: ରାଜ୍ୟରେ ପରିବର୍ତ୍ତିତ ରାଜନୈତିକ ପରିସ୍ଥିତି କାରଣରୁ ଆଜ୍ଞାଦେଶ ଆବେଦନ ଜାରି ରଖିବା ଏବଂ ଅଭିଯୋଗଗୁଡ଼ିକ ଉପରେ ବିଚାର କରିବା ଆବଶ୍ୟକ ନୁହେଁ । ଗତ ବିଧାନସଭା ନିର୍ବାଚନ ପରେ ନୂତନ ରାଜନୈତିକ ପରିସ୍ଥିତିରେ ରାଜ୍ୟ ଦ୍ୱାରା ଗ୍ରହଣ କରାଯାଇଥିବା ଆଭିମୁଖ୍ୟ ପରିବର୍ତ୍ତିତ ହୋଇଛି, ଯାହାକୁ ଆବେଦନକାରୀମାନେ ସ୍ୱୀକାର କରିଛନ୍ତି । ଉତ୍ତରଦାତାମାନେ ଆଉ କ୍ଷମତାରେ ନାହାଁନ୍ତି ଏବଂ ବର୍ତ୍ତମାନର ସରକାର ସେମାନଙ୍କ ବିରୋଧୀ ରାଜନୈତିକ ମେଣ୍ଟ ଦ୍ୱାରା ପରିଚାଳିତ ହେଉଛି । ନୂତନ ସରକାରଙ୍କ ବିରୋଧରେ କୌଣସି ଅଭିଯୋଗ ନାହିଁ ଯେ ସେମାନେ ଚଳଚ୍ଚିତ୍ରର ପ୍ରଦର୍ଶନ ସମୟରେ ଭଙ୍ଗାରୁଜା କରୁଥିବା ବିକ୍ଷୋଭକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ତତ୍ପରତା ଦେଖାଉନାହାନ୍ତି ।**

ମୂଳ ଦେୱାନୀ ଅଧିକାରିତା: ଆଜ୍ଞାଦେଶ ଆବେଦନ (ଦେୱାନୀ) ସଂଖ୍ୟା 673/1998 ।

( ଭାରତୀୟ ସମ୍ବିଧାନର ଅନୁଚ୍ଛେଦ 32 ଅନୁଯାୟୀ )

ସୋଲି ଜେ, ସୋରାବଜୀ, ଆଟର୍ଣ୍ଣି  ଜେନେରାଲ ଆର୍.ଏନ୍. ତ୍ରିବେଦୀ, ଅଲ୍ତାଫ୍ ଅହମ୍ମଦ, ଅତିରିକ୍ତ ସଲିସିଟର ଜେନେରାଲ, ହରିଶ ଏନ୍. ସାଲଭେ, ଶ୍ରୀମତୀ ଇନ୍ଦିରା ଜୟସିଂ, ଭି.ଏ. ମୋହତା, କ୍ରିଷନ କ୍ର. ମହାଜନ, ଶ୍ରୀମତୀ ମୁଶାରଫ ଚୌଧୁରୀ, ପି.ଏଚ୍. ପାରେଖ, ଶ୍ରୀମତୀ ଭି.ଡି. ଖାନ୍ନା, ଗୋପାଳ ବଲୱନ୍ତ ସାଠେ, କୈଳାଶ ବାସଦେବ, ଅଶୋକ ଭାନ୍, ଅରବିନ୍ଦ କୁମାର ଶର୍ମା, ରାଜୀବ ନନ୍ଦ, ସୁଷମା ସୁରୀ, ଏ.ଏମ୍. ଖାନୱିଲକର, ସମୀର ପାରେଖ, କୁଲଦୀପ ସିଂ, ରାହୁଲ ରାୟ, ଡି.ଏମ୍. ନାରଗୋଲକର ଏବଂ ଶ୍ରୀମତୀ ବିଜୟ ଲକ୍ଷ୍ମୀ ମେନନ ଉପସ୍ଥିତ ପକ୍ଷ ମାନଙ୍କ ପାଇଁ ।

ନ୍ୟାୟାଳୟଙ୍କର ରାୟ ପ୍ରଦାନ କରାଯାଇଥିଲା ।

**ନ୍ୟାୟାଧୀଶ ଥୋମାସ,** ଏକ ଚଳଚ୍ଚିତ୍ର "ଫାୟାର" ସିନେମା ହଲ୍ ଭିତରେ ଓ ବାହାରେ ବିକ୍ଷୋବର ବହ୍ନି ଲଗାଇଥିବା ପରି ଜଣାପଡ଼ିଛି, ଯେଉଁଠାରେ ଏହି ଚଳଚ୍ଚିତ୍ରଟି ଦର୍ଶକଙ୍କ ପାଇଁ ପ୍ରଦର୍ଶିତ ହୋଇଥିଲା । ଶ୍ରୀମତୀ ଦୀପା ମେହେଟ୍ଟାଙ୍କ ଦ୍ୱାରା ନିର୍ମିତ ଏହି ଚଳଚ୍ଚିତ୍ରକୁ ଭାରତୀୟ ନିୟାମକ ପରିଷଦ ଦ୍ୱାରା ଚଳଚ୍ଚିତ୍ର ଅଧିନିୟମ, 1962 ଅନୁଯାୟୀ ପ୍ରମାଣପତ୍ର ପ୍ରଦାନ କରାଯିବା

ପରେ ସିନେମା ହଲ୍‌ରେ ପ୍ରଦର୍ଶିତ ହେବାକୁ ଅନୁମତି ଦିଆଯାଇଥିଲା । ଏହାପରେ 1998 ନଭେମ୍ବର ମଧ୍ୟଭାଗରେ ଏହାକୁ ପ୍ରଦର୍ଶନ ପାଇଁ ପ୍ରେକ୍ଷାଳୟରେ ମୁକ୍ତିଲାଭ କରାଯାଇଥିଲା । କିନ୍ତୁ ମାତ୍ର ଦୁଇ ସପ୍ତାହ ବିତିନଥିଲା, କିଛି ମହଲରୁ ଚଳଚ୍ଚିତ୍ରର ପ୍ରଦର୍ଶନ ବିରୋଧରେ ବିକ୍ଷୋଭ ପ୍ରକାଶ ପାଇଥିଲା, କାରଣ ବିକ୍ଷୋଭକାରୀମାନେ ଏହାର ଲିପି ଏବଂ ଚିତ୍ରନାଟ୍ୟକୁ ତୀବ୍ର ବିରୋଧ କରିଥିଲେ । ଏହି ବିକ୍ଷୋଭ ହଠାତ୍ ବଢ଼ି ଯାଇଥିଲା ଏବଂ ଯେଉଁ ପ୍ରେକ୍ଷାଳୟରେ ଏହି ଚଳଚ୍ଚିତ୍ର ପ୍ରଦର୍ଶିତ ହୋଇଥିଲା, ସେଗୁଡ଼ିକ ବିକ୍ଷୋଭକାରୀଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଭଙ୍ଗାରୁଜାର କେନ୍ଦ୍ରସ୍ଥଳ ପାଲଟିଗଲା । ସେମାନେ ଏଭଳି ସିନେମା ହଲ୍‌ଗୁଡ଼ିକର ବ୍ୟାପକ କ୍ଷତି କରିଥିଲେ । ଏହିପରି ଆକ୍ରମଣର ଶିକାର ହୋଇଥିବା ଅଧିକାଂଶ ସିନେମା ହଲ୍ ମହାରାଷ୍ଟ୍ର ରାଜ୍ୟରେ, ବିଶେଷ କରି ମୁମ୍ବାଇ ସହରରେ ଅବସ୍ଥିତ ଥିଲା ।

ଉପରୋକ୍ତ ପୃଷ୍ଠଭୂମିରେ ଚଳଚ୍ଚିତ୍ରର ପ୍ରଯୋଜକଙ୍କ ସମେତ 8 ଜଣ ବ୍ୟକ୍ତି ସମ୍ବିଧାନର ଅନୁଚ୍ଛେଦ 32 ଅନୁଯାୟୀ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ ଉପଯୁକ୍ତ ନିର୍ଦ୍ଦେଶ ଦେବା ପାଇଁ ଏହି ଆଜ୍ଞାଦେଶ ଆବେଦନ ଦାଖଲ କରିଛନ୍ତି, ଯାହାଦ୍ୱାରା ଚଳଚ୍ଚିତ୍ରର ପ୍ରଦର୍ଶନ ପାଇଁ ପର୍ଯ୍ୟାପ୍ତ ସୁରକ୍ଷା ବ୍ୟବସ୍ଥା ସୁନିଶ୍ଚିତ କରାଯାଇପାରିବ ଏବଂ ମୁମ୍ବାଇର ପ୍ରେକ୍ଷାଳୟରେ ଯେଉଁଥିରେ "ଫାୟାର" ଚଳଚ୍ଚିତ୍ର ପ୍ରଦର୍ଶିତ ହୋଇଥିଲା, ସେଠାରେ ଅନେକ ବ୍ୟକ୍ତିଙ୍କ ଦ୍ୱାରା ଘଟିଥିବା ହିଂସାତ୍ମକ କାର୍ଯ୍ୟର ତଦନ୍ତ କରିବା ପାଇଁ ଏକ ଉପଯୁକ୍ତ ଏଜେନ୍ସି ନିଯୁକ୍ତ କରାଯାଇପାରିବ ।

ଉତ୍ତରଦାତାମାନେ ଯୁକ୍ତି ବାଢ଼ିଥିଲେ ଯେ ପ୍ରଥମ ଉତ୍ତରଦାତା (ଯିଏ ସେତେବେଳେ ମହାରାଷ୍ଟ୍ରର ମୁଖ୍ୟମନ୍ତ୍ରୀ ଥିଲେ) ଏବଂ ତାଙ୍କ ରାଜନୈତିକ ଦଳ (ଶିବସେନା-6ଷ୍ଠ ଉତ୍ତରଦାତା ) ତଥା ଏହାର ମୁଖ୍ୟ ନେତା (4ର୍ଥ ଉତ୍ତରଦାତା) ବିକ୍ଷୋଭକୁ ଉତ୍ସାହିତ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ଏବଂ ସେମାନେ ମଧ୍ୟ ବିକ୍ଷୋଭକାରୀମାନଙ୍କୁ ହିଂସାର ଆଶ୍ରୟ ନେବାକୁ ଏବଂ ଚଳଚ୍ଚିତ୍ର ପ୍ରଦର୍ଶନର ବିରୋଧ ପ୍ରକାଶ କରିବାର ବାହାନାରେ ଭଙ୍ଗାରୁଜା କରିବାକୁ ଉତ୍ସାହିତ କରିଥିଲେ । ଆବେଦନକାରୀମାନେ ଏହା ମଧ୍ୟ ଦର୍ଶାଇଥିଲେ ଯେ ଚଳଚ୍ଚିତ୍ର "ଫାୟାର" ବିଭିନ୍ନ ମହଲରୁ ଯେଉଁମାନେ ଏହି ଚଳଚ୍ଚିତ୍ରର ଗୁଣବତ୍ତା ବିଷୟରେ ବିଚାର କରିବାକୁ ସକ୍ଷମ ଅଟନ୍ତି ସେମାନଙ୍କ ନିକଟରୁ ଅନେକ ପ୍ରଶଂସା ଲାଭ କରିଛି ।

ମହାରାଷ୍ଟ୍ର ରାଜ୍ୟ ପକ୍ଷରୁ ଜବାବି ସତ୍ୟପାଠ ରାଜ୍ୟ ସରକାରଙ୍କ ଗୃହ ବିଭାଗ ସହ ସଂଲଗ୍ନ ଜଣେ ଉପ-ସଚିବ ଦାଖଲ କରିଥିଲେ । ରାଜ୍ୟ ହିଂସା ଇତ୍ୟାଦି କାର୍ଯ୍ୟକୁ କ୍ଷମା କରିଦେଇଥିବା ଅଭିଯୋଗକୁ ଉକ୍ତ ଜବାବି ସତ୍ୟପାଠରେ ଖଣ୍ଡନ କରାଯାଇଛି । ଜବାବି ସତ୍ୟପାଠର ଅଭିସାକ୍ଷୀଙ୍କ

ଅନୁଯାୟୀ, ପୋଲିସ ଘଟଣାଗୁଡ଼ିକ ସମ୍ପର୍କରେ ବିଶେଷକରି ନ୍ୟୁ ଏମ୍ପାୟାର ପ୍ରେକ୍ଷାଳୟରେ ଘଟିଥିବା ଘଟଣାଗୁଡ଼ିକ ବିଷୟରେ ଆବଶ୍ୟକୀୟ ପଦକ୍ଷେପ ନେଇଛି । 2.12.1998 ତାରିଖରେ ଆଜାଦ ମୈଦାନ ପୋଲିସ ଷ୍ଟେସନରେ ଭାରତୀୟ ଦଣ୍ଡ ସଂହିତା ଏବଂ ବମ୍ବେ ପୋଲିସ ଅଧିନିୟମ 1951ର ବିଭିନ୍ନ ଧାରା ଅନୁଯାୟୀ ପ୍ରଥମ ସୂଚନା ରିପୋର୍ଟ ପଞ୍ଜିକୃତ ହୋଇଥିଲା ଏବଂ ତଦନ୍ତ ଶେଷରେ ମୁମ୍ବାଇର ମହାନଗରୀ ଦଣ୍ଡାଧିକାରୀଙ୍କ ନ୍ୟାୟାଳୟରେ 21 ଜଣଙ୍କ ବିରୁଦ୍ଧରେ ଅଭିଯୋଗ ଫର୍ଦ୍ଦ ଦାଖଲ କରାଯାଇଛି । ତାଙ୍କ କହିବା ଅନୁଯାୟୀ, ଉକ୍ତ ମାମଲାଟି ଉକ୍ତ ନ୍ୟାୟାଳୟରେ ବିଚାରାଧୀନ ଅଛି । ସେହିଭଳି, ବମ୍ବେର ସିନେମାକ୍ସ ପ୍ରେକ୍ଷାଳୟରେ ଘଟିଥିବା ଘଟଣାଗୁଡ଼ିକ ସମ୍ପର୍କରେ ମାମଲା ରୁଜୁ କରାଯାଇଛି । ସେଥିରେ ମଧ୍ୟ ଶେଷରେ 25 ଜଣଙ୍କ ବିରୋଧରେ ଅଭିଯୋଗପତ୍ର ଦାଖଲ କରାଯାଇଥିଲା । ଶିବସେନାର ଜଣେ ବିଧାନସଭା ସଭ୍ୟଙ୍କ ସମେତ 22 ଜଣଙ୍କ ବିରୋଧରେ ଅପରାଧିକ ମାମଲା ରୁଜୁ କରାଯିବା ସହିତ ଚଳଚ୍ଚିତ୍ର ଅଭିନେତା ତଥା ପ୍ରଥମ ଆବେଦନକାରୀ ଦିଲୀପ କୁମାରଙ୍କ ବାସଭବନ ସମ୍ମୁଖରେ ପର୍ଯ୍ୟାପ୍ତ ପୋଲିସ ବନ୍ଦୋବସ୍ତର ନିର୍ଦ୍ଦେଶ ଦିଆଯାଇଥିଲା ।

ଅଭିସାକ୍ଷୀ ଉପରୋକ୍ତ ମାମଲାଗୁଡ଼ିକୁ, ପରିସ୍ଥିତିର ମୁକାବିଲା ପାଇଁ ରାଷ୍ଟ୍ରର ଶାସନତନ୍ତ୍ର ଦ୍ୱାରା ନିଆଯାଇଥିବା ଦୃଢ଼ କାର୍ଯ୍ୟର ଉଦାହରଣ ଭାବେ ଦର୍ଶାଇଥିଲେ ।

4ର୍ଥ ଆବେଦନକାରୀଙ୍କ ଦ୍ୱାରା ଦାଖଲ ଜବାବି ସତ୍ୟପାଠରେ, ଉପ-ସଚିବଙ୍କ ଦ୍ୱାରା ଶପଥ ନିଆଯାଇଥିବା ସତ୍ୟପାଠ ମାଧ୍ୟମରେ ମହାରାଷ୍ଟ୍ର ରାଜ୍ୟ ଦ୍ୱାରା ଗ୍ରହଣ କରାଯାଇଥିବା ଆଭିମୁଖ୍ୟକୁ ଗୁରୁତର ଭାବେ ପ୍ରତ୍ୟାଖ୍ୟାନ କରାଯାଇନାହିଁ । ଏପରିକି, ରାଜ୍ୟ ପକ୍ଷରୁ କିଛି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ସ୍ୱୀକାର କରାଯାଇଥିଲା । ତେଣୁ, ଆବେଦନକାରୀମାନେ ମଧ୍ୟବର୍ତ୍ତୀକାଳୀନ ଆବେଦନ ସଂଖ୍ୟା 10/1999 ମାଧ୍ୟମରେ କେତେକ ପରିବର୍ତ୍ତିତ ପ୍ରାର୍ଥନା ଉପସ୍ଥାପନ କରିଥିଲେ । ସେହି ପ୍ରାର୍ଥନାଗୁଡ଼ିକ ମଧ୍ୟରେ ମୁଖ୍ୟ ଭାବରେ ମାମଲାଗୁଡ଼ିକର ତଦନ୍ତ କେନ୍ଦ୍ରୀୟ ଅନୁସନ୍ଧାନ ବ୍ୟୁରୋକୁ ହସ୍ତାନ୍ତର କରିବା ଥିଲା ।

ମୁଖ୍ୟତଃ ମହାରାଷ୍ଟ୍ର ରାଜ୍ୟର ପରିବର୍ତ୍ତିତ ରାଜନୈତିକ ପରିସ୍ଥିତି କାରଣରୁ, ଆମେ ଆଜ୍ଞାଦେଶ ଆବେଦନ ଜାରି ରଖିବା ଆବଶ୍ୟକ ବୋଲି ଭାବୁନାହୁଁ । ଉପରୋକ୍ତ ଶପଥ ପତ୍ର ଗୃହ ବିଭାଗର ଉପ-ସଚିବଙ୍କ ମାଧ୍ୟମରେ ମହାରାଷ୍ଟ୍ର ରାଜ୍ୟ ଦ୍ୱାରା ଗ୍ରହଣ କରାଯାଇଥିବା ଆଭିମୁଖ୍ୟ ବ୍ୟତୀତ, ଏବେ ଆବେଦନକାରୀଙ୍କ ବିଦ୍ୱାନ ଓକିଲଙ୍କ ଦ୍ୱାରା ସ୍ୱୀକାର କରାଯାଇଛି ଯେ ଗତ ବିଧାନସଭା ନିର୍ବାଚନ ପରେ ରାଜନୈତିକ ପରିସ୍ଥିତି ବଦଳି ଯାଇଥିଲା ଯେତେବେଳେ ଶିବସେନା

ବିଧାନସଭାରେ ପର୍ଯ୍ୟାପ୍ତ ସମର୍ଥନ ହାସଲ କରିବାରେ ବିଫଳ ହୋଇଥିଲା । ତେଣୁ, ସେମାନେ ଆଉ କ୍ଷମତାରେ ନାହିଁହାନ୍ତି ଏବଂ ମହାରାଷ୍ଟ୍ର ସରକାର ବର୍ତ୍ତମାନ ଶିବସେନାର ବିରୋଧୀ ରାଜନୈତିକ ମେଣ୍ଟ ଦ୍ୱାରା ପରିଚାଳିତ ହେଉଛି ।

ପରିବର୍ତ୍ତିତ ପରିସ୍ଥିତିରେ ଆମେ ଅଭିଯୋଗଗୁଡ଼ିକ ଉପରେ ବିଚାର କରିବା ଆବଶ୍ୟକ ବୋଲି ଭାବୁନାହୁଁ । ଏହା ବ୍ୟତୀତ, ଯେହେତୁ ନୂତନ ସରକାରଙ୍କ ବିରୁଦ୍ଧରେ କୌଣସି ଅଭିଯୋଗ ନାହିଁ ଯେ ସେମାନେ "ଫାୟାର" ଚଳଚ୍ଚିତ୍ରର ପ୍ରଦର୍ଶନ ସମୟରେ ଭଙ୍ଗାରୁଜା କରୁଥିବା ବିକ୍ଷୋଭକାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ତତ୍ପରତା ଦେଖାଇ ନାହାନ୍ତି, ତେଣୁ ବର୍ତ୍ତମାନ ଅନ୍ୟ କୌଣସି ନିର୍ଦ୍ଦେଶନାମା ଜାରି କରିବାକୁ ବିଚାର କରିବାର ଆବଶ୍ୟକତା ନାହିଁ ।

ତେଣୁ, ବର୍ତ୍ତମାନ ଦର୍ଶାଯାଇଥିବା କାର୍ଯ୍ୟାନୁଷ୍ଠାନର କାରଣ ସମ୍ପର୍କରେ ଭବିଷ୍ୟତରେ ଆଗତ ହେବାକୁ ଥିବା କୌଣସି ପ୍ରସ୍ତାବକୁ ପ୍ରଭାବିତ ନକରି, ଆମେ ଏହି ଆଜ୍ଞାଦେଶ ଆବେଦନକୁ ସମାପ୍ତ କରୁଛୁ ।

ଏ.କ୍ୟୁ. ଆବେଦନର ଫଏସଲା କରାଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ

ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

ଭାଷାନ୍ତର :
ମଦନ ମୋହନ ଭୂୟାଁ
ଅନୁବାଦକ
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।